### ପୁନରୁଦ୍ଧାର ଅପେକ୍ଷାରେ ଯୋଗେଶ୍ୱର ମନ୍ଦିର

# ମଞ୍ଜୁରୀ ହୋଇଥିବା ୩କୋଟି ଟଙ୍କା ଖତ ଖାଉଛି

**ନୂଆପଡ଼ା, ୨।୩(ସମିସ)**

ନବେ ଦଶକରେ ନୂଆପଡ଼ାର ପତୋରା ଡ୍ୟାମ ମୁଣ୍ଡରେ ପ୍ରତିଷ୍ଠିତ ଯୋଗେଶ୍ୱର ମନ୍ଦିର ଯେ ଦିନେ ରାଜ୍ୟ ତଥା ରାଜ୍ୟବାହାରେ ଖ୍ୟାତି ଅର୍ଜନ କରିବ ତାହା କେହି ଭାବି ପାରିନଥିଲେ। ଦିନେ ଗାୟକ ଗୁଲଶନ କୁମାର ଆସି ମନ୍ଦିର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଶୀରୋନାମା ସାଜିଥିଲେ। ସ୍ୱର୍ଗତ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ନାଁରେ ଏଠାରେ ଏକ ଭବ୍ୟ ପ୍ରମୋଦ ଉଦ୍ୟାନ ମଧ୍ୟ ହଜାର ହଜାର ପର୍ଯ୍ୟଟକଙ୍କ ମନମୋହିଥାଏ। ଶୈବ ପୀଠ ଭାବରେ ଏହାର ଖ୍ୟାତି ଯେତେ ବର୍ଣ୍ଣନା କଲେ ମଧ କମ ହେବ। ଏସବୁର ଗୁରୁତ୍ୱକୁ ଉପଲବ୍ଧି କରି ତତକାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମନ୍ଦିର ପରିପାଟୀର ବିକାଶ ପାଇଁ ୩କୋଟି ଟଙ୍କା ବରାଦ କରିଥିଲେ।





ସେତେବେଳେ ୨୦୨୪ ମସିହାରେ କାର୍ଯ୍ୟ ଶେଷ କରିବାକୁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ହେଲେ ସରକାର ପରିବର୍ତ୍ତନ ପରେ ସବୁ ଓଲଟପାଲଟ ହୋଇଗଲା। କାର୍ଯ୍ୟ ଫାଇଲ ତଳେ ଚାପି ହୋଇଗଲା। ବିଭାଗୀୟ ଉଦାସିନତା ଯୋଗୁଁ କାମ ସବୁ ଧିମେଇ ଯାଇଛି। ମନ୍ଦିର ପରିସରକୁ କିଛି ଠିକାଦାର ମାଟି ଖୋଳି ଛାଡି ଦେଲେ ମନ୍ଦିର ପରିସର ଏକ ପ୍ରକାର ଭାଙ୍ଗିରୁଜି ଧୂଳିସାତ ହୋଇଯାଇଛି। ଏହା ଭକ୍ତମାନଙ୍କର ଆବାଗମନକୁ ବାଧା ଦେଇଛି। ମନ୍ଦିର ପରିଚାଳନା କମିଟିକୁ ଯୋଗାଯୋଗ କରିବାରେ ମାତ୍ର ଦେଢ କୋଟି ଟଙ୍କାରେ ଏକ ଭୋଗ ମଣ୍ଡପ ତିଆରି କାମ ଚାଲିଛି। କାମ ଆରମ୍ଭ ହେବାର ଆଜିକୁ ତିନି ବର୍ଷ ପୁରିଯିବ। ହେଲେ ଏଥିପ୍ରତି ବିଭାଗ କି ଠିକାଦାର ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି। ଆହୁରି ଦେଢ କୋଟି ଟଙ୍କାର ହିସାବ ମିଳୁନାହି। ବିଭାଗୀୟ ଯନ୍ତ୍ରୀ, ଠିକାଦାରଙ୍କ ଯୋଗାଯୋଗ କରିଥିଲେ କୌଣସି ତଥ୍ୟ ମିଳିପାରୁନାହିଁ। ଲୋକେ କହୁଛନ୍ତି ସରକାର ବଦଳି ଗଲାପରେ ଏସବୁ ହାଲ ହୋଇଛି। ଏଥିପ୍ରତି ବର୍ତ୍ତମାନର ସରକାର ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

### ନକଲି ମଦ କାରଖାନାରେ ଚଢ଼ଉ

# ପ୍ରସ୍ତୁତି ସାମଗ୍ରୀ ଜବତ ସହ ୩ ଗିରଫ

**ଧର୍ମଗଡ଼, ୨।୩(ସମିସ):** କଳାହାଣ୍ଡି ଅବକାରୀ ବିଭାଗ ନକଲି ମଦ ଓ ପ୍ରସ୍ତୁତି ସାମଗ୍ରୀ ସହ ୩ଜଣଙ୍କୁ ଗିରଫ କରିଥିବାରେ ସକ୍ଷମ ହୋଇଛି। ସୂଚନା ମତେ ଧର୍ମଗଡ଼ ସହର ଜଗନ୍ନାଥପଡ଼ାର ଏକ ଭଡା ଘରେ ତିନି ଜଣ ଲୋକ ଚାଲାଣ କରିଥିବା ସୂଚନା ମିଳିଛି। ଭବାନୀପାଟଣା ସଦର ଅବକାରୀ ଇନ୍ସପେକ୍ଟର ହେମକାନ୍ତ ସୁନାଙ୍କ ନେତୃତ୍ୱରେ ଧର୍ମଗଡ଼ ଅବକାରୀ ଅଧିକାରୀ ଅରୁଣ କୁମାର ଯୋଶୀ, ଭବାନୀପାଟଣା ମୋବାଇଲ ୟୁନିଟ ଅବକାରୀ ଅଧିକାରୀ



ବିଜୟ ଭୂଷଣ ନାୟକ, ଧର୍ମଗଡ଼ ଏଆଇସି ପ୍ରତିମା ବେହେରା, କୋକସରାର ପୁଷ୍ପେଶ୍ୱର ପଟେଲ, ନର୍ଲାର ଆର୍ତ୍ତତ୍ରାଣ ବହିଦାର ପ୍ରମୁଖ ସାମିଲ ହୋଇଥିଲେ। ତେବେ ମାର୍ଚ୍ଚ ମାସ ହେଲେ଼ ଅବକାରୀ ବିଭାଗ ତତ୍ପରତା ଦେଖାଉଥିବା ବେଳେ ବର୍ଷ ତମାମ ଚୋରା ମଦ ଚାଲାଣ ଓ ବେଆଇନ ଦୀର୍ଘଦିନ ଧରି ରହିଆସୁଛନ୍ତି। ସେମାନେ ନକଲି ମଦ ପ୍ରସ୍ତୁତି କରି ବିଭିନ୍ନ ସ୍ଥାନକୁ ଯୋଗାଉ ଥିଲେ। ଅବକାରୀ ବିଭାଗ ସୁରାଗ ପାଇଁ ଏକ ଟିମ୍ ଗଠନ କରି ଅଚାନକ ଭଡା ଘରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ୩୫ଟି ଅପମିଶ୍ରିତ ନକଲି ବିଦେଶୀ ମଦ, ମଦରେ ବ୍ୟବହୃତ ୬୨ଟି ବୋତଲ, ୮୨୦ଟି ଠିପି ଓ ୧୫୫ଟି ଲେବଲ ଜବତ କରିଥିବା ବେଳେ ୩ ଜଣଙ୍କୁ ଗିରଫ କରିଛି। ତେବେ ୨ ଜଣ ବିହାର ଓ ଜଣେ ଝାରଖଣ୍ଡର ହୋଇଥିବା ଜଣାପଡ଼ିଛି।ଅଭିଯୁକ୍ତମାନେ ହେଲେ ବିହାରର ପବନ କୁମାର(୩୩) ଶୈଳେନ୍ଦ୍ର ସିଂ ଓ ଝାରଖଣ୍ଡର ଅଜୟ କୁମାର। ଏନେଇ କେଶ ନଂ ୨୧୭/୨୫-୨୬ ମାମଲା ରୁଜୁ କରି ଅବକାରୀ ବିଭାଗ ୩ ଜଣଙ୍କୁ ଗିରଫ କରିବା ସହ କୋର୍ଟ



ମଦ ବେପାରୀଙ୍କ ସହ ମିଳିଭଗତରେ ରହି ଚୁପ ବସିଛି। ଯାହାକୁ ନେଇ ଲୋକେ ଅବକାରୀ ବିଭାଗ ର ଏଭଳି ପଦକ୍ଷେପକୁ ଏହା ଏକ ପ୍ରହସନ ଓ ବାର୍ଷିକୀୟ ଚାନ୍ଦା ପାଇଁ ରେଡ ବୋଲି ଆଲୋଚନା କରୁଛନ୍ତି।

### ବୃଦ୍ଧଙ୍କୁ ଦଳିଦେଲା ହାତୀ

# ଦୁଇ ମାସରେ ଗଲାଣି ଦୁଇ ଜୀବନ

**ଭବାନୀପାଟଣା, ୨।୩(ସମିସ):** କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ବାଗପୁରଗ୍ରାମରୁ ସୋମବାର ପୂର୍ବାହ୍ନରେ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ବାଗପୁରଗ୍ରାମର ଗଣ୍ଠି ମାଝୀ (୬୧)ଙ୍କୁ ହାତୀ ଦଳି ଦେବାରୁ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଛି। ସବୁଦିନ ଭଳି ବୃଦ୍ଧ ସକାଳୁ ଗାଁ ଶେଷ ମୁଣ୍ଡରେ ରହିଥିବା ନିଜ ଜମିକୁ ଯାଇ କାମ କରୁଥିଲେ। ଏହି ସମୟରେ ହଠାତ୍ ଏକ ହାତୀ ଆସି ତାଙ୍କୁ ଦଳି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଘଟଣାସ୍ଥଳରେ ବାଗପୁର ସରପଞ୍ଚ ଗୋପାଳ ହାତୀ, ଫରେଷ୍ଟର ଭବାନୀ ନାଏକ ଓ ଫରେଷ୍ଟ ଷ୍ଟାଫ ପହଞ୍ଚି ତଦନ୍ତ ଜାରୀ ରଖିଛନ୍ତି। ପ୍ରକାଶ ଯେ ଗତ ମାସ୧୩ ତାରିଖ ହାତୀ ଆକ୍ରମଣରେ ଭବାନୀପାଟଣା ବ୍ଲକ ଚାଞ୍ଚେର ପଞ୍ଚାୟତର ପରଡ଼ଙ୍ଗଗୁଡା ଲୟା ମାଝୀ (୫୧)ଙ୍କ ମୃତ୍ୟୁ ହୋଇଥିଲା।

# ଓସିଏ ଅମ୍ପାୟାର ପରୀକ୍ଷାରେ ସଫଳତା

**ସିନାପାଲି, ୨।୩ (ସମିସ):** ନୂଆପଡ଼ା ଜିଲ୍ଲାର ଦୁଇ ଯୁବ କ୍ରୀଡାବିତ ପ୍ରକାଶ ପାତ୍ର ଓ ବିଶିକେଶନ ବାଗ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ)ପକ୍ଷରୁ ଆୟୋଜିତ



ଅମ୍ପାୟର ପରୀକ୍ଷା-୨୦୨୫ରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ୧୨୫ ଜଣ ପ୍ରାର୍ଥୀମାନଙ୍କ ମଧ୍ୟରେ କ୍ରିକେଟ୍ ନିୟମାବଳୀ, ମ୍ୟାଚ୍ ପରିଚାଳନା ପ୍ରଣାଳୀ, ଖେଳ ନୀତିନିୟମ ଓ ପ୍ରାୟୋଗିକ ଜ୍ଞାନ ଉପରେ ପରୀକ୍ଷା ଆୟୋଜିତ ହୋଇଥିଲା। ସିନାପାଲିର ପ୍ରକାଶ ପାତ୍ର ଜଣେ ଉଚ୍ଚ କୋଟୀର କ୍ରୀଡ଼ା ଭାଷ୍ୟକାର ହେବା ସହ ଟେନିସ କ୍ରିକେଟ୍ ଆସୋସିଏସନ୍ ଅଫ ଇଣ୍ଡିଆର ଜଣେ ମାନ୍ୟତାପ୍ରାପ୍ତ ଅମ୍ପାୟର ଥିଲେ। ସେହିପରି କୋମନାର ବିଶିକେଶନ ବାଗ ଜଣେ କ୍ରୀଡ଼ା ଶିକ୍ଷକ ଏବଂ ଦୀର୍ଘଦିନ ଧରି ରାଜ୍ୟ ଓ ଜିଲ୍ଲାସ୍ତରର କ୍ରିକେଟ୍ ପ୍ରତିଯୋଗିତାମାନଙ୍କରେ ସକ୍ରିୟ ଭାବେ ବିଦ୍ୟାଳୟ ଖେଳମାନଙ୍କରେ ଅମ୍ପାୟରିଂ କରୁଥିବା ସହ ନିଜର କ୍ଷମତା ଓ ନିଷ୍ଠା ପ୍ରମାଣ କରିଆସୁଥିଲେ।ପ୍ରକାଶ ପାତ୍ର ଓ ବିଶିକେଶନ ବାଗଙ୍କ ସଫଳତା ନୂଆପଡ଼ା ଜିଲ୍ଲାର କ୍ରିକେଟ୍ ଅଭିବୃଦ୍ଧି ପାଇଁ ଏକ ମାଇଲ ଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଖେଳପ୍ରେମୀମାନେ ମତ ପ୍ରକାଶ କରିଛନ୍ତି।ସଫଳତା ପାଇଁ ନୂଆପଡ଼ା ଜିଲ୍ଲା କ୍ରିକେଟ୍ ସଂଘର ସମ୍ପାଦକ ସରୋଜ କୁମାର ସାହୁ ତଥା ଜିଲ୍ଲାର କ୍ରିକେଟ୍ ଖେଳାଳି ଓ କ୍ରୀଡ଼ା ପ୍ରେମୀ ଦୁଇ ଜଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି ଆଗାମୀ ଦିନରେ ଜିଲ୍ଲା ଓ ରାଜ୍ୟସ୍ତରରେ ମ୍ୟାଚ୍ ଗୁଡିକରେ ଅମ୍ପାୟର ଭାବେ ସେବା ଦେଇ ସେମାନେ ନିଜ ଦକ୍ଷତା ପ୍ରଦର୍ଶନ କରିବେ ଓ ଜିଲ୍ଲାର ନାମକୁ ଆହୁରି ଉଚ୍ଚ କରିବେ ବୋଲି ସମସ୍ତଙ୍କ ଆଶା ରହିଛି।

# ଘଣ୍ଟିଗୁଡା ହାଇସ୍କୁଲ ପ୍ରଧାନଶିକ୍ଷକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା

**ସିନାପାଲି, ୨।୩(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଘଣ୍ଟିଗୁଡା ହାଇସ୍କୁଲର ପ୍ରଧାନଶିକ୍ଷକ ସତ୍ୟବାନ ମେହେରଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଭବ୍ୟ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ବର୍ଷ ଧରି ଶିକ୍ଷକତା ଜୀବନରେ ସେ ଶିକ୍ଷା କ୍ଷେତ୍ରରେ ଅନେକ ସଫଳତା ଓ ସୁନାମ ଅର୍ଜନ କରିଛନ୍ତି।ସମାରୋହରେ ପ୍ରମୁଖ ଅତିଥି ଭାବେ ପିଏମ୍‌ଶ୍ରୀ ହାଇସ୍କୁଲ ସିନାପାଲିର ପ୍ରଧାନଶିକ୍ଷକ ଲଳିତ ସୁନାରୀ ଓ ମହଗାଁ ହାଇସ୍କୁଲର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ଯୋଶୀ ଯୋଗଦେଇ ସତ୍ୟବାନ ମେହେରଙ୍କ ଶିକ୍ଷା ଜୀବନର ଉପଲବ୍ଧି ସମ୍ପର୍କରେ ଆଲୋକପାତ କରିଥିଲେ। ସଭାରେ ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକ ଯୋଗଦେଇ ତାଙ୍କୁ ଫୁଲମାଳ, ଉପହାର ଓ ଔପଢୌକନଦେଇ ସମ୍ମାନିତ କରିଥିଲେ। ନିଜ ବିଦାୟ ଅଭିଭାଷଣରେ ସତ୍ୟବାନ ମେହେର ସମସ୍ତଙ୍କ ସହଯୋଗ ପାଇଁ କୃତଜ୍ଞତା ଜଣାଇ ଶିକ୍ଷା କ୍ଷେତ୍ରରେ ଆଗାମୀ ଦିନରେ ମଧ୍ୟ ସହଯୋଗ କରିବାକୁ ସଂକଳ୍ପ ବ୍ୟକ୍ତ କରିଥିଲେ।

# ଅଧ୍ୟାପକଙ୍କ ଅବସରକାଳୀନ ସଭା



**ଗୋଲାମୁଣ୍ଡା, ୨।୩(ସମିସ):** ଗୋଲାମୁଣ୍ଡାସ୍ଥିତ ସର୍ବମଙ୍ଗଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାଣିଜ୍ୟ ବିଭାଗ ମୁଖ୍ୟ ଅଧ୍ୟାପକ ସନ୍ଦିପ କୁମାର କାନୁନଗୋ ଫେବୃଆରୀ ୨୮ ତାରିଖରେ ଅବସର ନେଇଛନ୍ତି। ଶ୍ରୀ କାନୁନଗୋ ସମସ୍ତ ସହକର୍ମୀଙ୍କ ସଂଗେ ମେଳାପି ଓ ଖୁସି ମିଜାଜର ମଣିଷ ବୋଲି ତାଙ୍କର ଅନୁପସ୍ଥିତିରେ ଅନୁଭବ ହେବ ବୋଲି ସହୃଦୟତାର ସହିତ ସମସ୍ତେ ପ୍ରକାଶ କରିଥିଲେ। ଅଧ୍ୟକ୍ଷ ସରୋଜକାନ୍ତ ରଥ ତାଙ୍କର କାର୍ଯ୍ୟଦକ୍ଷତା, ନିଷ୍ଠାପର ସହଯୋଗିତା ସହିତ ସମୟାନୁବର୍ତ୍ତୀ ଗୁଣକୁ ପ୍ରଶଂସା କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀଙ୍କ ଗହଣରେ ତାଙ୍କର ଔପଚାରିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହୋଇଥିଲା। ଉତ୍ତରୀୟ ପୁଷ୍ପଗୁଚ୍ଛ ପ୍ରଦାନରେ ଅଧ୍ୟକ୍ଷଙ୍କ ଦ୍ୱାରା ସମ୍ପର୍ଣ୍ଣ ହୋଇଥିଲା। ଚଳିତ ମାର୍ଚ୍ଚ ମାସ ଆରମ୍ଭରେ ସିନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦୈନନ୍ଦିନ ଶୈକ୍ଷିକ ବାତାବରଣ ମୁଖରିତ ହେଉଥିବ, କିନ୍ତୁ କାନୁନଗୋ ସାରଙ୍କ ଛୋଟ-ଛୋଟ ହସର ପସରା ଶିକ୍ଷକ ସାଧାରଣ ପ୍ରକୋଷ୍ଠରେ ଗୁଞ୍ଜରଣ ହେଉନଥିବ ବୋଲି ସମସ୍ତଙ୍କ ବାର୍ତ୍ତା ଥିଲା।

# ଲେତେରରେ ରାଧାକୃଷ୍ଣ ପୂଜନୋତ୍ସବ

**ଗୋଲାମୁଣ୍ଡା, ୨।୩(ସମିସ):** ଗୋଲାମୁଣ୍ଡା ବ୍ଲକ ଲେତେରରେ ରାଧାକୃଷ୍ଣ ପୂଜାନୋତ୍ସବ ରବିବାର ଠାରୁ ମଙ୍ଗଳ ବାର ପର୍ଯ୍ୟନ୍ତ ହେବ। ଶନିବାର ଦିନ କଳସ ଯାତ୍ରା ସହ ରାତ୍ରିରେ ଦୀପଯଜ୍ଞ ଅନୁଷ୍ଠିତ ହୋଇଥିଲା। କଳସ ଯାତ୍ରାରେ ଲେତେର ଗ୍ରାମର ସମସ୍ତ ମହିଳା ଉଦନ୍ତି ନଦୀରୁ



ପୂର୍ଣ୍ଣ ଜଳକୁମ୍ଭ ଧରି ପୂଜା ମଣ୍ଡପ ପର୍ଯ୍ୟନ୍ତ ଲମ୍ବା ଧାଡି ଲାଗି ରହିଥିଲା। ରବିବାର, ସୋମବାର ଓ ମଙ୍ଗଳ ବାର ତିନିଦିନ ଧରି ରାଧାକୃଷ୍ଣ ପୂଜାନୋତ୍ସବ ଅନୁଷ୍ଠିତ ହେବାକୁ ଥିବା ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଛି। ପୂଜାନୋତ୍ସବରେ ଲେତେରଗ୍ରାମବାସୀ ସହଯୋଗ କରିଥିଲେ।

### ସୁରେଖାଙ୍କ ଅସରନ୍ତି ଦୁଃଖ

# ସରକାରୀ ସହାୟତା ମିଳିବ କେବେ

**ଧର୍ମଗଡ଼, ୨।୩(ସମିସ):** ଏମିତି ବି ଦୁଃଖ ଆସେ।ସୁଖ ବୋଧେ କପାଳରେ ନ ଥାଏ। ଏଭଳି ଜଣେ ସ୍ୱାମୀ ପରିତ୍ୟକ୍ତ ମହିଳାଙ୍କ କରୁଣ କାହାଣୀ ସାମ୍ନାକୁ ଆସିଛି।ଧର୍ମଗଡ଼ ବ୍ଲକ ଧଅଁରପୁର ପଞ୍ଚାୟତ ଭାଲୁଡୁଆଁ ଗ୍ରାମର ସୁରେଖା ଜୁଏଡ଼ (୬୨)। ଗତ ୪୦ବର୍ଷ ତଳେ ସାମାଜିକ ରୀତିନୀତିରେ ବିବାହ କରିଥିଲେ। ହେଲେ ସ୍ୱାମୀ-ସ୍ତ୍ରୀଙ୍କ ଭୁଲ ବୁଝାମଣା ଯୋଗୁଁ ବିବାହରେ ୩ବର୍ଷ ପରେ ସ୍ୱାମୀ ସ୍ତ୍ରୀ ମଧ୍ୟରେ ବିଛେଦ ଘଟିଥିଲା। ସେତେବେଳେ ସୁରେଖା କୋଳରେ ଏକ ପୁତ୍ର ସନ୍ତାନ ଧରି ମାଆ ବାପା ଘର ଭାଲୁଡୁଆଁକୁ ପଳାଇ ଆସି ରହିଲେ। ସେତେବେଳୁ ବାପା-ମାଆ, ଭାଇ ଭାଉଜଙ୍କ ସହ ରହି ଆସୁଛନ୍ତି। ଏହାରି ଭିତରେ ଗତ ୪ବର୍ଷ ତଳେ ବାପାଙ୍କ ପରଲୋକ ଘଟେ। ଏଣେ ମାଆ ଶଯ୍ୟାଶାୟୀ -ଅନ୍ୟ ପଟେ ଭାଇ ଭାଉଜର ଜୁଲୁମ ସହି ପଡ଼ି ରହିଥାଏ। ସେତିକିରେ ଦୁଃଖ ଗଲାନି।ନିଜ ପୁତ୍ରର ପ୍ରତିପୋଷଣ ଯେନତେନ କରେ ହେଲେ ନିଜର ଘରଖଣ୍ଡିଏ ନ ଥିବାରୁ ଯୋଉଠି ସଞ୍ଜ ହୁଏ ସେଇଠି ଶୋଇପଡେ। ବର୍ତ୍ତମାନ ଅପରାହ୍ନ ବୟସ ଛୁଇଁଲାଣି।ପେଟ ଚିନ୍ତା ଠାରୁ ବଳି ଯାଇଛି ଆଶ୍ରୟ ନେବାକୁ ଖଣ୍ଡେ କୁଡିଆ।ସରକାରୀ ସହାୟତା କହିଲେ କେବଳ ମିଳେ ୫ କିଲୋ ଚାଉଳ। ଘର ଖଣ୍ଡକ ପାଇଁ ସରପଞ୍ଚ ଠାରୁ ଆରମ୍ଭ କରି ସମିତି ସଭ୍ୟ, ମେମ୍ବର ଏପରିକି ବିଡ଼ିଓଙ୍କୁ କହିସାରିଲେଣି। ହେଲେ କେହି ତାଙ୍କ ଗୁହାରି ଶୁଣୁ ନଥିବା ଅଭିଯୋଗ କରନ୍ତି। ଅନ୍ୟପଟେ କମସେ କମ ଆଶ୍ରୟ ପାଇଁ ନ ହେଲେ ବି ମରିବାକୁ ଖଣ୍ଡେ ଘର ଦରକାର କହନ୍ତି ସୁରେଖା। ଗ୍ରାମବାସୀ ମଧ ସୁରେଖାଙ୍କୁ ସରକାରୀ ସୁବିଧା ଯୋଜନାରେ ସାମିଲ କରି ସହାୟତା ଯୋଗାଇ ଦେବାକୁ ଅନେକ ଅଧିକାରୀ ଓ ସ୍ଥାନୀୟ ରାଜନେତାଙ୍କୁ ଗୁହାରି କରିଥିବା କହନ୍ତି। ନିଜ ଗ୍ରାମର ନିର୍ବାଚିତ ଜିଲ୍ଲା ପରିଷଦ ସଭ୍ୟ ରହିଥିଲେ ହିଁ ଦୀପ ତଳ ଅନ୍ଧାର ବୋଲି ସମାଲୋଚନା ହୁଏ।ତୁରନ୍ତ ସୁରେଖା ପ୍ରତି ସରକାର ଓ ପ୍ରଶାସନ ଦୃଷ୍ଟି ଦେଇ ସରକାରୀ ସୁବିଧା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି। ଏନେଇ ଧର୍ମଗଡ଼ ବିଡିଓ ସଦାଶିବ ନାୟକଙ୍କୁ ପଚାରିବାରୁ ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଛନ୍ତି।



# ରିଷିଡା କନ୍ଧପଡ଼ା ରାଧାକୃଷ୍ଣ ମନ୍ଦିର ରତ୍ନମୁଦ ଉତ୍ସବ

**କର୍ଲାମୁଣ୍ଡା, ୨।୩(ସମିସ):** କଳାହାଣ୍ଡି ଜିଲ୍ଲା କଳାମୁଣ୍ଡା ବ୍ଲକ ରିଷିଡା କନ୍ଧପଡ଼ାସ୍ଥିତ ଶ୍ରୀରାଧାକୃଷ୍ଣ ମନ୍ଦିର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରବିବାର ସକାଳେ ବନଯାଗ କରାଯାଇଥିଲା।୧୧ଟାରୁ ରତ୍ନମୁଦ ଆରମ୍ଭ ହୋଇଥିଲା। କର୍ତ୍ତାଭାବେ ଅଶ୍ୱିନୀ ମାଝୀ ଓ ତାଙ୍କ ଧର୍ମପତ୍ନୀ ସରସ୍ୱତୀ ମାଝୀ ରହିଥିବା ବେଳେ ଅଜିତ ମିଶ୍ର, ସୁର୍ଯ୍ୟମଣି ମିଶ୍ର ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଗ୍ରାମର ଶହ ଶହ ନରନାରୀ ଲମ୍ବା ଧାଡ଼ିରେ ରହି ମନ୍ଦିର ଚୁଡକୁ ଯାଇ ଅଷ୍ଟଧାତୁ ଓ ଧାନ ଭରିଥିଲେ। ମନ୍ଦିର କମିଟିର ସଭାପତି କ୍ଷମାନିଧି ସାହୁ, ଉପସଭାପତି ପଙ୍କଜ ଭୋଇ, ସମ୍ପାଦକ ଅନ୍ତର୍ଯ୍ୟାମୀ ମଲ୍ଲିକ, ସହସମ୍ପାଦକ ଫକୀର ଚରଣ ଭୋଇ, ସଂଯୋଜକ ଜଗଦୀଶ ଭୋଇଙ୍କ ତତ୍ୱାବଧାନରେ ସମସ୍ତ କମିଟି ସଦସ୍ୟ ଗ୍ରାମବାସୀ ସହଯୋଗ କରିଥିଲେ। ସନ୍ଧ୍ୟାରେ ସୁର ସଂଗମ ରିଷିଡାର କଳାକାରମାନେ ଭଜନ ପରିବେଷଣ କରିଥିଲେ।



### ପୂର୍ବ ସରକାରଙ୍କ ସମୟରେ ଦେଇଥିଲେ ଶୁଭ

# ଉଦନ୍ତୀ ବ୍ୟାରେଜ ନିର୍ମାଣକୁ ନେଇ ସ୍ୱତନ୍ତ୍ର ଗ୍ରାମସଭା

**ସିନାପାଲି, ୨।୩ (ସମିସ):** ବିଜେଡି ସରକାର ଅମଳରେ ପ୍ରସ୍ତାବିତ ବହୁ ପ୍ରତିକ୍ଷିତ ଉଦନ୍ତୀ ବ୍ୟାରେଜ୍ ନିର୍ମାଣ କୁ ନେଇ ପ୍ରକଳ୍ପ ନିକଟବର୍ତ୍ତୀ ସରଧାପୁର ଓ କାଠିବାଡି ଗ୍ରାମବାସୀଙ୍କୁ ନେଇ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇ ଯାଇଛି। ଗ୍ରାମ ସଭାରେ ଉଭୟ ଗ୍ରାମର ଜନସାଧାରଣ ଉପସ୍ଥିତ ରହି ବିଭିନ୍ନ ବିଷୟରେ ଆଲେଚନା କରିଥିଲେ। ଏଥିରେ ପ୍ରମୁଖ ରହିଥିଲା ବିସ୍ଥାପନ

**ପରିବେଶ ମଞ୍ଜୁରୀକୁ ରହିଥିଲା ଅପେକ୍ଷା**



ଭୟ ଯାହାକୁ ନେଇ ଗ୍ରାମବାସୀ ଦ୍ୱନ୍ଦ୍ୱରେ ରହିଥିବା ବେଳେ ପ୍ରାସାସନିକ ଅଧିକାରୀମାନେ ପ୍ରକଳ୍ପର ମାନଚିତ୍ର ଦେଖାଇ ସବିଶେଷ ତଥ୍ୟ ଆଧାରରରେ ବୁଝାଇଥିଲେ।କେବଳ ପ୍ରକଳ୍ପ ପାଇଁ କେନାଲ ପାଇଁ ଜମି ଅଧିଗ୍ରହଣ କରାଯିବ ଏବଂ ସରକାରୀ ନିୟମ ଆଧାରରେ ଜମି କିସମ ଅନୁସାରେ କ୍ଷତିପୂରଣ ପ୍ରଦାନ କରାଯିବ। ପ୍ରକଳ୍ପ ହେଲେ କୌଣସି ଚାଷୀର ଜମିବାଡ଼ି ଘର ଦ୍ୱାର ପ୍ରକଳ୍ପରେ ମିଶିବ ନାହିଁ ବୋଲି ଦୃଢ ପ୍ରତିଶ୍ରୁତି ପାଇବା ପରେ ଗ୍ରାମସଭା ପାରିତ ହୋଇଥିଲା। ଏହି ସ୍ୱତନ୍ତ୍ର ଗ୍ରାମସଭାରେ କଳାହାଣ୍ଡି ଜଳସମ୍ପଦ ବିଭାଗ ଏସି, ନୂଆପଡ଼ା ଉପଜିଲ୍ଲାପାଳ ସୁର୍ମି ସୋରେନ, ସିନାପାଲି ତହସିଲଦାର ଉପାଞ୍ଜଳି ମାଝି, ବିଡ଼ିଓ କାର୍ମୀ ଓରାମ, ସ୍ଥାନୀୟ ପଞ୍ଚାୟତ ନିର୍ବାହୀଅଧିକାରୀ ଢ଼କନଲାଲ ଚଲାନ, ଜୟପାଲ ନାଗ, ବନ ବିଭାଗିୟ ଅଧିକାରୀ, ଗ୍ରାମର ଜନସାଧାରଣ, ଚାଷୀ, ବୁଦ୍ଧିଜୀବୀ ଅନେକଙ୍କ ଉପସ୍ଥିତିରେ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଏହି ପ୍ରକଳ୍ପ ପାଇଁ ବହୁ ପୂର୍ବରୁ ଗୋଏସିଲ ନିକଟରେ ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ ହୋଇ ସେତେବେଳର ସରକାରଙ୍କ ଜଳ ସମ୍ପଦ ମନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଶୁଭ ଦିଆଯାଇଥିବା ବେଳେ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ଅନୁମତିକୁ ଅପେକ୍ଷା ରହିଥିଲା। ପ୍ରକଳ୍ପ ପାଇଁ ପୁଣି ଥରେ ଆଶା ସଞ୍ଚାର ହୋଇଛି। ଏହି ପ୍ରକଳ୍ପ ନିର୍ମାଣ ହେଲେ ସିନାପାଲି ଓ ବୋଡ଼େନ ଅଞ୍ଚଳକୁ ଜଳସେଚନ ହେବ ବୋଲି ଜଣାପଡ଼ିଛି। ଏହି ଅଞ୍ଚଳ ମରୁଡ଼ି ପ୍ରଭାବିତ ଅଞ୍ଚଳ ହୋଇଥିବା ବେଳେ ପ୍ରକଳ୍ପ ହେଲେ ଅଞ୍ଚଳରେ ସବୁଜ ବିପ୍ଳବ ସୃଷ୍ଟି ହୋଇ ପାରିବ ବୋଲି ଅଞ୍ଚଳର ଜନସାଧାରଣ ଆଶାବ୍ୟକ୍ତ କରିଛନ୍ତି।

### କଳାହାଣ୍ଡି ଲେଖିକା ସଂଘର ବାର୍ଷିକ ଉତ୍ସବ

# ନାରୀ ହିଁ ସାଧନା ଓ ସଂଘର୍ଷର ଜୀବନ କିମ୍ବଦନ୍ତୀ

**ଭବାନୀପାଟଣା, ୨।୩ (ସମିସ)**

ଜଣେ ଲେଖିକା ଅତି ସାଧାରଣ ମଣିଷର ଜୀବନ ବୋଧକୁ ବୁଝି ପାରିଥାଏ। କେବଳ ସେତିକି ନୁହେଁ ସାହିତ୍ୟ ମାଧ୍ୟମରେ ପ୍ରଗତି ସମ୍ଭବ ହୋଇଥାଏ। ସାମାଜିକ ବ୍ୟବସ୍ଥାର ଆବେଗ, ପ୍ରାଣଚାଞ୍ଚଲ୍ୟ, ବୌଦ୍ଧିକତା ଏବଂ ଗୁଣାତ୍ମକ ଓ କଳାତ୍ମକ ସାହିତ୍ୟ ସୃଷ୍ଟି କ୍ଷେତ୍ରରେ ନାରୀ ଚରିତ୍ରର ଭୂମିକା ଅନନ୍ୟ। ପ୍ରେମ ଭଲପାଇବା ସହିତ ମାନସିକ ସଙ୍କଟ ଓ ସଂଘର୍ଷ ଭିତରେ ଲେଖିକାଟିଏ ଯେତେବେଳେ ଅନ୍ୟର ହୃଦୟର ଭାଷା ଓ ଭାବକୁ ନେଇ ଅନେକ ସମ୍ଭାବନାକୁ ଉନ୍ମୋଚନ କରେ ଆମେ କହୁ ତାହାହିଁ ସାହିତ୍ୟ। କଳାହାଣ୍ଡି ଲେଖିକା ସଂଘର ରୌପ୍ୟ ଜୟନ୍ତୀ ସମାରୋହରେ ଏଭଳି ମନ୍ତବ୍ୟ ଦେଇଥିଲେ ଉପସ୍ଥିତ ଅତିଥିଗଣ। ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ସୁଦେଷ୍ଣା ପଣ୍ଡାଙ୍କ ସଭାପତିତ୍ୱରେ ପ୍ରଥମ ଅଧିବେଶନରେ ଉଦଘାଟକ ଭାବେ ସାରଳା ପୁରସ୍କାରପ୍ରାପ୍ତ ତଥା ସଂସ୍କୃତିବିତ୍ ଜୟନ୍ତ କୁମାର ବେହେରା ଯୋଗ ଦେଇଥିବା ବେଳେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଓ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ପୁଷ୍ପମିତ୍ରା କାନୁନଗୋ ଏବଂ ସାହିତ୍ୟିକ ସୁଦର୍ଶନ ଦାସ ଯୋଗଦେଇଥିଲେ।ଅତିଥି ପରିଚୟ ପ୍ରଦାନ କରିଥିଲେ ସଂଘମିତ୍ରା କାନୁନଗୋ। ଅନୁଷ୍ଠାନର ସଭାପତି ସୁଦେଷ୍ଣା ପଣ୍ଡା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବାର୍ଷିକ ବିବରଣୀ ପାଠ କରିଥିଲେ ସମ୍ପାଦିକା କଳ୍ପନା ରଥ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ସଂଘର



ମୁଖପତ୍ର 'କଳ୍ପିତା'ର ଶୁଭ ଉନ୍ମୋଚିତ ହୋଇଥିଲା। ଚଳିତ ବର୍ଷ ସାହିତ୍ୟ କ୍ଷେତ୍ରରେ ବିଶିଷ୍ଟ ଅବଦାନ ପାଇଁ ଡ. ପଲ୍ଲିଶ୍ରୀ ପଟ୍ଟନାୟକଙ୍କୁ 'ସାହିତ୍ୟ ସମ୍ମାନ', କବି ଦୀପ୍ତି ମୁଣ୍ଡଙ୍କୁ 'ଯୁବକବି ସମ୍ମାନ', ତ୍ରିବେଣୀ ବିଶୋୟୀଙ୍କୁ 'ସମାଜସେବୀ ସମ୍ମାନ' ଏବଂ କସ୍ତୁରୀ ଜାଲଙ୍କୁ 'ମାତୃଶ୍ରୀ ସମ୍ମାନ', ସୁନିତା ଦାସଙ୍କୁ 'ସୁଗୃହିଣୀ ସମ୍ମାନ', ଚିତ୍ରଶିଳ୍ପୀ ସ୍ମିତାରାଣୀ ଚୌଧୁରୀ 'ପ୍ରଚ୍ଛଦପଟ ଶିଳ୍ପୀ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତ ବର୍ଷ ପାଇଁ କଳାହାଣ୍ଡି ଜିଲ୍ଲା ଛାତ୍ରୀ ମାଟ୍ରିକ ଗାର୍ଲସ ଟପର ଶ୍ରିୟାଂଶ୍ରୀ ସାହୁ, ଜିଲ୍ଲାର ଶ୍ରେଷ୍ଠ କ୍ରୀଡାବିତ୍ ହସ୍ତରି ଶବର, ପୋଲ ଭଲ୍ଟ ଓ ହାଇଜମ୍ପ ପାଇଁ ରୌପ୍ୟ ପଦକ ପ୍ରାପ୍ତ ମିକି କହଁରଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ରୌପ୍ୟ ଜୟନ୍ତୀ ସମାରୋହରେ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ଏବଂ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସ୍ୱର୍ଣ୍ଣକାନ୍ତି ବୈକାର ଏବଂ ମୀନତି ପ୍ରଧାନ ପରିଚାଳନା କରିଥିଲେ। ସେହିଭଳି ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଅଜୟ ମିଶ୍ର, ବିଶିଷ୍ଟ ଅତିଥି ଭାବେ ସାହିତ୍ୟିକ ଓ ଗବେଷକ ପରମେଶ୍ୱର ମୁଣ୍ଡ, ସମ୍ମାନିତ ଅତିଥି ଭାବେ ସବିତା ପଟ୍ଟନାୟକ ଏବଂ ପୂର୍ବତନ ସଦସ୍ୟ ଓଡ଼ିଶା ସାହିତ୍ୟ ଏକାଡେମୀ ସତ୍ୟନାରାୟଣ ମହାପାତ୍ର ଏବଂ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡ.ଉମେଶ ଚନ୍ଦ୍ର ଶତପଥୀ ଯୋଗ ଦେଇଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ସବିତା ଶତପଥୀ।ଏହି ଅବସରରେ କଳାହାଣ୍ଡିର ଅଭିଳାଷ ମହାନ୍ତି, ଉତ୍ସବାନନ୍ଦ ମିଶ୍ର, ଗଜେନ୍ଦ୍ର ଡାକୁଆ, ନରେଶ ଚନ୍ଦ୍ର ପଣ୍ଡା ଏବଂ ପ୍ରମୋଦ ପାଣିଗ୍ରାହୀ ପ୍ରମୁଖ ପାଞ୍ଚଜଣ ବୀର ସୈନିକଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୁବକବି ଐଶ୍ୱର୍ଯ୍ୟା ପ୍ରଧାନଙ୍କର କବିତା ସଂକଳନ 'ଶେଷ ଭୋଗ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ବନଶ୍ରୀ ଦାଶ ଏବଂ ସୁମତି ମୁଣ୍ଡ ପରିଚାଳନା କରିଥିଲେ। ଲେଖିକା ସଂଘର ସଦସ୍ୟା ଆନନ୍ଦିନୀ ପାତ୍ର, ସ୍ୱର୍ଣ୍ଣକାନ୍ତି ବୈକାର, ସଂଘମିତ୍ରା କାନୁନଗୋ, ରୀତା ପାଟ୍ଟଯୋଶୀ, ମଞ୍ଜୁରାଣୀ ରଥ, ମୀନା ମୁଣ୍ଡ, ମୀନତି ପ୍ରଧାନ, ଐଶ୍ୱର୍ଯ୍ୟା ପ୍ରଧାନ, ଦୀପ୍ତି ମୁଣ୍ଡ, ବିଳାସିନୀ ମହାପାତ୍ର, ଝରଣା ପାଢ଼ୀ, ସୁଚିସ୍ମିତା ରାଉତ, କବିତା ମୁଣ୍ଡ, ମମତା ପଟ୍ଟନାୟକ, ଅନୁପମା ମହାପାତ୍ର, ମମତା ସାହୁ, ନାହେଦା ସାହିନ, ନିବେଦିତା ମହାନ୍ତି, ପ୍ରିୟଦର୍ଶିକା ପ୍ରଧାନ, ସବିତା ଦାଶ, ସନ୍ଧ୍ୟାରାଣୀ ବେହେରା, ସଂଯୁକ୍ତା ମୁଣ୍ଡ, ରଶ୍ମିରାଣୀ ରଥ, ସୌଦାମିନି ଭୋଇ, ତପସ୍ୱିନୀ ପଣ୍ଡା, କବିତା ମୁଣ୍ଡ, ଲୀନା ଦାସ, ସସ୍ମିତା ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସୁମତି ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ ଓ ଶେଷରେ ସବିତା ଦାସ ଶାନ୍ତିପାଠ ମନ୍ତ୍ର ପାଠ କରିଥିଲେ।

